# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
## କପା ଚାଷ ପାଇଁ II (ଦ୍ୱିତୀୟ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ଜୁନ | | | | | ଜୁନ | | | | |
| | | 05 | 06 | 07 | 08 | 09 | 11 | 12 | 13 | 14 | 15 |
|  | କୋରାପୁଟ | | | | | | 3.9 | 6 | 12 | 19.7 | 16.2 |
| | କଳାହାଣ୍ଡି | | | | | | 0.6 | 2.5 | 6.2 | 10.4 | 7.3 |
| | ବଲାଙ୍ଗିର | | | | | | 0.7 | 1.4 | 9.5 | 9.6 | 9 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

**କପା ଫସଲ ଅବସ୍ଥା:**

ମୌସୁମୀ ବର୍ଷା ଆସି ନ ଥିବାରୁ ଓଡିଶାରେ ଏ ପର୍ଯନ୍ତ କପା ଲଗାଇବା କାମ ଆରମ୍ଭ ହୋଇ ନାହି।ଚାଷୀମାନେ ଜମି ପ୍ରସ୍ତୁତ କରିବା ସହିତ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରି ସାରିଲେଣି ।ବର୍ଷା ହେବା ସଙ୍ଗେ ସଙ୍ଗେ କପା ଲଗାଇବା କାମ ଆରମ୍ଭ ହୋଇ ଯିବ।

**ପରାମର୍ଶ:**

ଚାଷୀ ମାନେ ନିଜ ଜମି ସଫା କରିବା ସହିତ ଖରଟିଆ ଚାଷ କରି ଦିଅନ୍ତୁ ।କପା ଚାଷ ପାଇଁ ଆବଶ୍ୟକ ସାମଗ୍ରୀ ଯଥା ଭଲ ବିହନ, ସାର, ସବୁଜ ଖାତ ର ବିହନ, ଅନ୍ତ ଫସଲର ବିହନ ଇତ୍ୟାଦି ପୂର୍ବରୁ ସଂଗ୍ରହ କରି ରଖନ୍ତୁ ।ଭଲ ଅମଳ ଦେଉଥିବା ଓ ଦୀର୍ଘ ତନ୍ତୁ ବିଶିଷ୍ଟ କପା କିସମ ଚୟନ କରନ୍ତୁ। କପା ଫସଲକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ମକା, ଝୁଡଙ୍ଗ , ଜଡା ଓ ଗେଣ୍ଡୁ ଫୁଲ ର ବିହନ ମଧ୍ୟ  ସଂଗ୍ରହ କରନ୍ତୁ।

ଶଙ୍କର କପା ପାଇଁ 120:60:60 କେଜି/ହେ ଓ କିସମ ପାଇଁ 90:45:45 କେଜି/ହେ ସାର ବ୍ୟବହାର କରନ୍ତୁ ।ମୂଳ ସାର ହିସାବରେ 100% P, 25% N ଓ 50% K ପ୍ରୟୋଗ କରନ୍ତୁ ।ଏହା ସହିତ ହେକ୍ଟର ପିଛା 25 କେଜି ଜିଙ୍କ ସଲ୍ଫେଟ ଓ 5 କେଜି ବୋରାକ୍ସ ପ୍ରୟୋଗ କରନ୍ତୁ। କପା ଜମି ଚାରି ପାଖରେ ସୀମା ଫସଲ ଭାବରେ ଜଡ ଓ ମକା ଲଗାନ୍ତୁ ଓ ଗେଣ୍ଡୁ ଫୁଲର ଚରା ପ୍ରସ୍ତୁତ କରନ୍ତୁ। ଅଧିକ ଲାଭ ଓ ଜମିର ଉର୍ବରତା ବଢାଇବା ପାଇଁ କପା ସହିତ ଅନ୍ତ ଫସଲ ଭାବରେ ବିରି (1:2), ସୋୟବିନ (1:2) ଓ ହରଡ(8:2) ଚାଷ କରନ୍ତୁ।

କପା ଫସଲକୁ ବିଭିନ୍ନ ପ୍ରକାରର ରୋଗେ। ଦାଉରୁ ରକ୍ଷା କରିବା ପାଇଁ ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ। ଏଥିପାଇଁ 1 କେଜି ବିହନ ସହିତ 3.5 ଗ୍ରାମ  **କର୍ବୋକ୍ସିଣ** 37.5% + **ଥିରାମ** 37.5% DS **କିମ୍ବା** 1.5 ମିଲି ଫ୍ଲୁକ୍ଷପାଇରୋକ୍ଷଦ କିମ୍ବା 1.5 ମିଲି ତେତ୍ରକୋନାଜୋଲ ଔଷଧ ବ୍ୟବହାର କରନ୍ତୁ।ଘାସ ନିୟନ୍ତ୍ରଣ ପାଇଁ କପା ଲଗାଇବାର 1-2 ଦିନ ପରେ ପେଣ୍ଡିମେଥଲୀନ 30 ଇସି ଘାସମରା ଅଉଷଧକୁ 500 ମିଲି ପାଣିରେ ମିଶାଇ 1 ହେ ଜମିରେ ପ୍ରୟୋଗ କରନ୍ତୁ।

**ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର  କଟନ ଆପ (CICR Cotton App ଯାହାକି ଆଇସିଏଆର-ସିଆଇସିଆର, ନାଗପୁର ଦ୍ୱାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ ।ଗୁଗଲ ପ୍ଲେ ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ ।ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ** (https://cicr.org.in/resource-weekly-advisory) **ରେ ଅପଲୋଡ କରା ଯାଉଛି, ଯାହାସବୁ  ଚାଷୀ ମାନଙ୍କ ଉପକାର ପାଇଁ ମଧ୍ୟ ମିଳି ପାରିବ ।**